ଏପିସୋଡ ୨୫

# ବିଶ୍ୱ ଉଷ୍ମାୟନ ଏବଂ ଖାଦ୍ୟ ସୁରକ୍ଷା

ମୂଳ ରଚନା: କିଶୋର କୁଲକର୍ଣ୍ଣୀ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର  ବାପା ୪୫ ବର୍ଷ

ମା ୪୦ ବର୍ଷ

ପ୍ରତୀକ  ସ୍କୁଲ ଛାତ୍ର  ୧୨ ବର୍ଷ

ପ୍ରଣତି  ସ୍କୁଲ ଛାତ୍ରୀ  ୧୪ ବର୍ଷ

ରମେଶ  ବାପାଙ୍କ ସାଙ୍ଗ

ରାଧା  ରମେଶଙ୍କ ପତ୍ନୀ

(ସାଧାରଣ ପରିବାର, ମା ରୋଷେଇ ଘରେ, ପିଲାମାନେ ବାହାର ଘରେ ଖେଳୁଛନ୍ତି, ଦୁଆର ଘଣ୍ଟି ବାଜିଲା)

ମା: ପ୍ରତୀକ, ଦେଖ କିଏ ଆସିଲେ।

ପ୍ରତୀକ:  ହଁ ମା।

ପ୍ରଣତି:(ଦୌଡ଼ି ଯାଇ) ମୁଁ ଯାଉଛି।

(ଦୁଆର ଖୋଲା ହେବା ଶବ୍ଦ)

ଆରେ ବାପା ତମେ! ଏତେ ଜଲ୍‌ଦି!!

ବାପା:ହଁ ପ୍ରଣତି, ବାକିମାନେ କୁଆଡ଼େ ଗଲେ?

ପ୍ରତୀକ: ବାପା, ଆମେ ସମସ୍ତେ ରୋଷେଇଘରେ ମା 'କୁ ସାହାଯ୍ୟ କରୁଥିଲୁ।

ବାପା:(ହସି ହସି) ସାହାଯ୍ୟ... କି ସାହାଯ୍ୟ...

ପ୍ରଣତି:ବାପା, ଆଜି ମା ବହୁତ ଫଳ ନେଇ ଜାମ୍ ତିଆରି କରୁଛନ୍ତି।

ବାପା:ତାହେଲେ ମୁଁ ବି ରୋଷେଇ ଘରକୁ ଯାଉଛି।

ପ୍ରଣତି:ଦେଖ ବାପା। ମା କେତେ ଫଳ କିଣି ଆଣିଛନ୍ତି। କହୁଥିଲେ ବର୍ଷାଦିନ ଆରମ୍ଭ ହେବା ମାତ୍ରେ ଫଳ ପରିବା ସବୁ ଦାମ୍ ବଢ଼ିଯିବ । ବର୍ଷା ହେବା ତ ବହୁତ ଜରୁରୀ ଆଉ ସମସ୍ତଙ୍କ ପାଇଁ ଲାଭଦାୟକ ହୁଏ। ତାହେଲେ ଫଳ ଆଉ ପରିବା ଦାମ୍ କାହିଁକି ବଢ଼ିଯାଏ?

ବାପା:ଏକଥା ଠିକ ଯେ ବର୍ଷା ସମସ୍ତଙ୍କ ପାଇଁ ଲାଭଦାୟକ । କିନ୍ତୁ ସବୁ ଜାଗାରେ ସମାନ ପରିମାଣର ବର୍ଷା ହୁଏନାହିଁ। କେଉଁଠି ବେଶୀ ତ କେଉଁଠି ବହୁତ କମ୍। ସେଥିପାଇଁ ଫଳ ଆଉ ପରିବା ମିଳିବା କେବଳ ପ୍ରଭାବିତ ହୁଏନାହିଁ, ବରଂ ଖାଦ୍ୟ ସୁରକ୍ଷା ଏହା ଉପରେ ବହୁତ ଭାବରେ ନିର୍ଭର କରେ।

ପ୍ରତୀକ: ଖାଦ୍ୟ ସୁରକ୍ଷା! ଏ ପୁଣି କ'ଣ? ବର୍ଷା କ'ଣ ଖାଦ୍ୟପଦାର୍ଥର ସୁରକ୍ଷା କରେ?

ବାପା:ବର୍ଷା ଖାଦ୍ୟପଦାର୍ଥର ସୁରକ୍ଷା କରେନାହିଁ କି ଦେଖାଶୁଣା କରେନାହିଁ।

ଖାଦ୍ୟ ସୁରକ୍ଷାର ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କୁ ଆବଶ୍ୟକତା ଅନୁସାରେ ଯଥେଷ୍ଟ ପରିମାଣର ଖାଦ୍ୟ ମିଳିବା। ତାହେଲେ ସମସ୍ତେ ନିଶ୍ଚିନ୍ତ ହେବେ।

ପ୍ରତୀକ: କିନ୍ତୁ ଆମ ସମସ୍ତଙ୍କୁ ତ ଯଥେଷ୍ଟ ଖାଦ୍ୟପଦାର୍ଥ ମିଳୁଛି । ପୁଣି ନିଶ୍ଚିନ୍ତ ହେବା କଥା କ'ଣ?

ବାପା:ମୁଁ ତ କହିବି ଆମେ ଭାଗ୍ୟବାନ , ସମସ୍ତଙ୍କୁ ଯଥେଷ୍ଟ ପରିମାଣର ପୁଷ୍ଟିକର ଖାଦ୍ୟ ଠିକ ସମୟରେ ମିଳିପାରୁଛି। ବିଶ୍ୱର ଅନେକ ଅଞ୍ଚଳରେ ଏବେ ବି ଯଥେଷ୍ଟ ଖାଦ୍ୟ ମିଳୁନାହିଁ। ବହୁତ ଲୋକ ଏବେ ବି ଭୋକରେ ଶୁଅନ୍ତି

ପ୍ରଣତି:କେତେ ଖରାପ କଥା । ଅତି ଦୁଃଖର କଥା। କିନ୍ତୁ ବାପା, ଏମିତି କାହିଁକି ହୁଏ।

ବାପା:ଏହାର ଅନେକ କାରଣ ଅଛି। ଅତ୍ୟଧିକ ଜନସଂଖ୍ୟା, ଦ୍ୱିତୀୟରେ ପରିବେଶରେ ହେଉଥିବା ପରିବର୍ତ୍ତନ। ଏହାର ପ୍ରଭାବ ଖାଦ୍ୟ ଉତ୍ପାଦନ ଉପରେ ବି ପଡୁଛି।

ପ୍ରଣତି:ବାପା, ମୁଁ ପରିବେଶରେ ହେଉଥିବା ପରିବର୍ତ୍ତନ ବିଷୟରେ ଶୁଣିଛି । କିନ୍ତୁ ପାଣିପାଗ ତ ସବୁବେଳେ ବଦଳୁଥାଏ। ଖାଦ୍ୟ ସୁରକ୍ଷାକୁ ଏହା କିପରି ପ୍ରଭାବିତ କରିବ?

ବାପା:ମୁଁ ତୋ ପ୍ରଶ୍ନର ଉତ୍ତର ଦେଇପାରିବି। କିନ୍ତୁ ମୋର ଜଣେ ସାଙ୍ଗ ଅଛନ୍ତି ଯେ ଏଇ ବିଷୟରେ କାମ କରୁଛନ୍ତି।

ପ୍ରତୀକ/ପ୍ରଣତି: ବାପା, ତମେ କାହା ବିଷୟରେ କହୁଛ/

ବାପା:ଆରେ ମୁଁ ରମେଶ ମଉସାଙ୍କ କଥା କହୁଛି । ସେ ଖାଦ୍ୟ ସୁରକ୍ଷାରେ କାମ କରୁଛନ୍ତି। ତମେ ଦୁହେଁ ମା 'କୁ ସାହାଯ୍ୟ କର । ଆଜି ରମେଶ ଘରକୁ ଆସିବେ। ଯଦି ସେ ନ ଆସିବେ ତ ଆମେ ସମସ୍ତେ ତାଙ୍କ ପରୀକ୍ଷାଗାର ଯିବା।

ପ୍ରଣତି:ଏଇଟା ଠିକ ହେବ। ଆମେ ସମସ୍ତେ ତାଙ୍କ ପରୀକ୍ଷାଗାରକୁ ଯିବା। ପ୍ରୟୋଗରେ ଲାଗୁଥିବା ଯନ୍ତ୍ରପାତି ଦେଖିବାକୁ ମୋର ଇଚ୍ଛା।

(ଦୃଶ୍ୟ ପରିବର୍ତ୍ତନ)

ବାପା:ହ୍ୟାଲୋ... ରମେଶ... ଆମେ ତମ ପରୀକ୍ଷାଗାର ଆସିପାରିବୁ କି? ପିଲାମାନେ କିଛି ଦେଖିବାକୁ ଆଉ ଜାଣିବାକୁ ଚାହୁଁଛନ୍ତି।

ରମେଶ: (ଫୋନରେ) ଆରେ ନିଶ୍ଚୟ । ପିଲାମାନଙ୍କ ସହ କଥା ହେଲେ ମତେ ଖୁସି ଲାଗିବ। କାଲି ସକାଳେ ତମେମାନେ ମୋ ପରୀକ୍ଷାଗାରରେ ପହଞ୍ଚିଯାଅ। ମୁଁ ସେଇଠି ଥିବି

ବାପା:ଠିକ ଅଛି। କାଲି ସକାଳେ ଆମେ ଠିକ ସମୟରେ ପହଞ୍ଚିଯିବୁ। ହଉ ମୁଁ ରଖୁଛି। ଧନ୍ୟବାଦ।

(ଦୃଶ୍ୟ ପରିବର୍ତ୍ତନ)

ବାପା:ପିଲାମାନେ ରେଡି ହୋଇଗଲ କି? ମା'କୁ କୁହ ସେ ବି ବାହାରି ପଡୁ। ଡେରି କରନାହିଁ।

ପ୍ରତୀକ:  ଠିକ ଅଛି ବାପା । ଆମେ ସମସ୍ତେ ପ୍ରସ୍ତୁତ। ମା ରେଡି ହେଉଛି।

ପ୍ରଣତି:ମୁଁ ବି ପ୍ରସ୍ତୁତ।

ବାପା:ସମସ୍ତେ ଆସ, ମୁଁ ଗାଡ଼ି ବାହାର କରୁଛି

(କାର୍ ଚାଲିବାର ଶବ୍ଦ, ରାସ୍ତାରେ ଗାଡ଼ି ମଟର ଶବ୍ଦ, ହର୍ଣ୍ଣ ଆଦି)

ବାପା:ଏଇ ଆମେ ରମେଶଙ୍କ ପରୀକ୍ଷାଗାରରେ ଆସି ପହଞ୍ଚିଗଲେ।

(ଗାଡ଼ି ରହିବା, ଦୁଆର ଖୋଲା ଶବ୍ଦ)

ଆରେ ରମେଶ ତ ଆମକୁ ବାହାରେ ହିଁ ଅପେକ୍ଷା କରିଛନ୍ତି।

ରମେଶ:  ୱେଲକମ୍, ସମସ୍ତଙ୍କୁ ସ୍ୱାଗତ।

ପ୍ରତୀକ/ପ୍ରଣତି: ନମସ୍କାର ମଉସା।

ରମେଶ:  ନମସ୍କାର, ନମସ୍କାର ପ୍ରତୀକ ଆଉ ପ୍ରଣତି, କେମିତି ଅଛ?

ବାପା:ପିଲାମାନେ  ତ କେତେଥର କହିଲେଣି ତମ ପରୀକ୍ଷାଗାର ଦେଖିବା ପାଇଁ। ପରିବେଶରେ ହେଉଥିବା ପରିବର୍ତ୍ତନ ବିଷୟରେ ଜାଣିବା ପାଇଁ ସେମାନଙ୍କର ଇଚ୍ଛା। ତମଠୁ ଭଲ ଏ ବିଷୟରେ ଆଉ କିଏ ଜାଣିଛି!

ପ୍ରତୀକ:  ହଁ ମଉସା, ଆମେ ଜାଣିବାକୁ ଚାହୁଁଛୁ ଯେ ପରିବେଶର ସମସ୍ୟା କ'ଣ ଆଉ ଏ ପରିବର୍ତ୍ତନ କାହିଁକି ହେଉଛି?

ରମେଶ:  ହଁ ପିଲେ, ମୁଁ ତମର ସବୁ ପ୍ରଶ୍ନର ଉତ୍ତର ଦେବି। ଆମେ ସମସ୍ତେ ଏ ବିଷୟରେ ଜାଣିବା ଦରକାର। ଏଠି ଚାରିଆଡ଼େ ରହିଥିବା ଉପକରଣମାନଙ୍କୁ ଦେଖ। ଆମେ ଏସବୁ ଉପକରଣ ତାପମାତ୍ରା , ଆର୍ଦ୍ରତା, ବାୟୁର ଗତି ଆଦି ମାପିବା ପାଇଁ ବ୍ୟବହାର କରୁ।

ପ୍ରତୀକ:  ମଉସା, ଆମର ଏଠି ବର୍ଷାଋତୁରେ ହିଁ କାହିଁକି ବର୍ଷା ହୁଏ?

ରମେଶ:  ପୃଥିବୀର ବିଭିନ୍ନ ଅଞ୍ଚଳରେ ବର୍ଷାର ସ୍ୱରୂପ ଅଲଗା ହୋଇଥାଏ । ଭାରତରେ ବର୍ଷାଋତୁ ଜୁନରୁ ଆରମ୍ଭ ହୋଇ ସେପ୍ଟେମ୍ବର ଯାଏଁ ଚାଲେ। ଦେଶର ଅଧିକାଂଶ ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ହିଁ ବର୍ଷା ଆଣେ । ଉତ୍ତର-ପୂର୍ବ ମୌସୁମୀ ବାୟୁ ଶୀତଦିନେ ଦକ୍ଷିଣ -ପୂର୍ବ ଅଞ୍ଚଳରେ ବର୍ଷା କରାଏ।

ବାପା:ମୌସୁମୀର ଆମ ଦେଶରେ ବହୁତ ବଡ଼ ଭୂମିକା ରହିଛି । କୃଷି ଉତ୍ପାଦନ ମୌସୁମୀ ବର୍ଷା ଉପରେ ହିଁ ନିର୍ଭର କରେ। ଭଲ ମୌସୁମୀ ବର୍ଷା ମାନେ ଖାଦ୍ୟ ସୁରକ୍ଷା ନିଶ୍ଚିତ।

ରମେଶ:  ଠିକ କହିଲ। କୃଷି ଉତ୍ପାଦନ ଆଉ ଠିକ ସମୟରେ ଯଥେଷ୍ଟ ବର୍ଷା ଏଇ ଦୁଇଟିର ପରସ୍ପର ସହ ଘନିଷ୍ଠ ସମ୍ପର୍କ ରହିଛି। ଯେଉଁ ସ୍ଥାନରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ହୁଏ ସେଠି ଧାନ ଆଉ ଆଖୁ ଫସଲ ଲଗାଯାଏ। ଯେଉଁ ସ୍ଥାନରେ ୧୦୦ ମିଲିମିଟର ପାଖାପାଖି ବର୍ଷା ହୁଏ ସେଠି କମ୍ ପାଣି ଆବଶ୍ୟକ କରୁଥିବା ଫସଲ ଲଗାଯାଏ। ଆଉ ଯେଉଁଠି ୫୦ ମିଲିମିଟରରୁ କମ୍ ବର୍ଷା ହୁଏ ସେଠି ଜଳସେଚନ ଦ୍ୱାରା ଫସଲ ଉତ୍ପାଦନ କରାଯାଏ।

ବାପା:ଏହାଛଡ଼ା, ଫସଲକୁ ସଠିକ ତାପମାତ୍ରା ଆଉ ଆର୍ଦ୍ରତା ଦରକାର ହୁଏ। ଉତ୍ପାଦନ ପାଇଁ ଅନୁକୂଳ ମୌସୁମୀ ବି ବହୁତ ଜରୁରୀ। ଅଦିନିଆ ଫସଲରେ ଉତ୍ପାଦନ ଭଲ ହୁଏନାହିଁ। ଗଛସବୁ ବି ଠିକରେ ବଢ଼େନାହିଁ। ଧାନ, ଗହମ, ମକା ଉତ୍ପାଦନ ଖାଦ୍ୟ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା

ନେଇଥାଏ। ଏ ତିନିକୁ ଅଲଗା ପ୍ରକାରର ମୌସୁମୀ ଆବଶ୍ୟକ ହୁଏ। ଗହମ ପାଇଁ ଥଣ୍ଡା ଅଞ୍ଚଳ ଆଉ ମକା ପାଇଁ ଗରମ ଶୁଷ୍କ ଅଞ୍ଚଳ ଦରକାର।

ମା: ସାରା ଦୁନିଆରେ କେତେ ଉତ୍ପାଦନ ହେଉଥିବ?

ବାପା:ପ୍ରତିବର୍ଷ ପ୍ରାୟ ୨୫୦ କୋଟି ଟନ ଉତ୍ପାଦନ ହୁଏ। ଏହା ବ୍ୟକ୍ତି ପିଛା ହାରାହାରି ୩୦୦ କିଲୋଗ୍ରାମ।

ମା: ବିଶ୍ୱର ପୂରା ଜନସଂଖ୍ୟା ପାଇଁ ଏହା ଯଥେଷ୍ଟ। କିନ୍ତୁ ତଥାପି ଅନେକ ଲୋକ ଖାଲି ପେଟରେ ଶୋଇବାକୁ ବାଧ୍ୟ ହୁଅନ୍ତି।

ବାପା:ଏମିତି ହେବାର କାରଣ ହେଉଛି ସବୁ ଜାଗାରେ ଶସ୍ୟ ଉତ୍ପାଦନର ପରିମାଣ ସମାନ ନୁହେଁ । ଅନେକ ଦେଶ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇନାହାନ୍ତି। ଅନେକ ସମୟରେ ଚାଷୀ ଗରିବ ହୋଇଥାଏ, ସେଥିପାଇଁ ଶସ୍ୟ କିଣିବା ପାଇଁ ଅସମର୍ଥ ହୁଏ। ତା ପାଇଁ ସବୁଠାରୁ ଜରୁରୀ ହେଉଛି ଉତ୍ପାଦନ ସହିତ ସମସ୍ତଙ୍କ ମୁହଁରେ ଆହାର ଦେବା।

ମା: ଶସ୍ୟ ଅନେକ ନଷ୍ଟ ବି ତ ହୋଇଯାଏ।

ବାପା:ହଁ ଏହା ଗୋଟିଏ କଟୁ ସତ୍ୟ। ଗରମ ଆଉ ଆର୍ଦ୍ର ଅଞ୍ଚଳରେ ଶସ୍ୟରେ କୀଟଙ୍କ ଉପଦ୍ରବ ବଢ଼ିଯାଏ। ଅତ୍ୟଧିକ ଆର୍ଦ୍ରତା ଯୋଗୁ ଫିମ୍ପି ମାରିଯିବାର ବିପଦ ବି ରହିଛି। ଫିମ୍ପିମରା ଚାଉଳ ଖାଇବା ଯୋଗ୍ୟ ରହେନାହିଁ। ମୂଷା ବି ଅନେକ ପରିମାଣର ଶସ୍ୟ ନଷ୍ଟ କରେ। ଖାଲି

ଉପଲବ୍ଧତା ନୁହେଁ, ଶସ୍ୟର ପୌଷ୍ଟିକତା ବି ରହିବା ଦରକାର।

ପ୍ରତୀକ: ହଁ ଆମ ଦେଶରେ ଯଥେଷ୍ଟ ଶସ୍ୟ ରହିଛି । ଆତ୍ମନିର୍ଭରତା ପାଇଁ ଆମେ ଅନେକ ପଦକ୍ଷେପ ନେଇଛୁ। ସମୟ ଥିଲା ଅନ୍ୟ ଦେଶରୁ ଶସ୍ୟ ଆମଦାନୀ କରିବାକୁ ପଡୁଥିଲା।

ରମେଶ: ମୋର ମନେଅଛି, ରାସନ ଦୋକାନ ଆଗରେ ଶସ୍ୟ ପାଇଁ ଲମ୍ବା ଲାଇନ ଲଗାଇବାକୁ ପଡୁଥିଲା।

ପ୍ରତୀକ: ରାସନ ପାଇଁ ଲାଇନ ଲଗାଇବାକୁ ପଡୁଥିଲା! ଆଶ୍ଚର୍ଯ୍ୟ!!

ପ୍ରଣତି:ଆମ ଦେଶ କେମିତି ଏ ଦିଗରେ ସଫଳତା ପାଇଲା?

ବାପା:ଗତ ଶତାବ୍ଦୀର ପଚାଶ ଷାଠିଏ ଦଶକରେ ଜନସଂଖ୍ୟା ଦ୍ରୁତ ଗତିରେ ବଢୁଥିଲା। ଆମର ନୀତି ନିର୍ଦ୍ଧାରକମାନେ ବହୁତ ଚେଷ୍ଟା କଲେ। ଏହି ପରିବର୍ତ୍ତନ ଏତେ ବ୍ୟାପକ ଥିଲା ଯେ ଆମେ ଏହାକୁ ସବୁଜ ବିପ୍ଳବ ନାଁ ଦେଲେ।

ପ୍ରତୀକ: ସେଥିପାଇଁ ଏବେ କିଛି ଅସୁବିଧା ନାହିଁ। ବଜାର ଯାଅ, ପଇସା ଦିଅ ଆଉ ଯାହା ଇଚ୍ଛା ତା କିଣିଆଣ।

ରମେଶ: ସେତେବେଳେ ଏଭଳି ସମସ୍ୟା କିଛି ଦେଶରେ ଥିଲା । ସେଭିତରୁ ଆମ ଭାରତ ଗୋଟିଏ। ଏବେ ସାରା ବିଶ୍ୱ ଏହି ସମସ୍ୟାର ସାମନା କରୁଛି। ଏସବୁ ହେଉଛି ପରିବେଶ ପରିବର୍ତ୍ତନ ଯୋଗୁ।

ପ୍ରଣତି:ମୁଁ ଏ ବିଷୟରେ ଶୁଣିଛି। ଏଥିରେ ମେରୁ ଅଞ୍ଚଳର ବରଫ ତରଳୁଛି, ଫଳରେ ସମୁଦ୍ର ପତନ ବଢୁଛି। କିନ୍ତୁ ଏଥିରେ କୃଷି କେମିତି ପ୍ରଭାବିତ

ହେଉଛି?

ରମେଶ: ତମେ ତ ଜାଣିଛ ଯେ ପୃଥିବୀର ବିଭିନ୍ନ ଅଞ୍ଚଳର ପାଣିପାଗ ଏକା ଭଳି ହୋଇ ନ ଥାଏ। ମେରୁ ଅଞ୍ଚଳରେ ଜୋର୍ ଥଣ୍ଡା ହୁଏ , ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ଗରମ, ବର୍ଷା ଆଦି ଅଲଗା ଅଲଗା ହୁଏ। ଆମ ଘର, କୃଷି ଏବଂ ଏପରିକି ଆମ ଜୀବନଶୈଳୀ ବି ପାଣିପାଗ ଅନୁସାରେ ହୋଇଥାଏ। କିନ୍ତୁ ଏବେ ଏ ସବୁ ବଦଳୁଛି।

ପ୍ରତୀକ: କାହିଁକି? ଏଥିପାଇଁ କିଏ ଦାୟୀ/

ରମେଶ: ପୃଥିବୀସାରା ତାପମାତ୍ରା ଏବଂ ଜଳବାୟୁ ଅଧ୍ୟୟନ ପାଇଁ ପରୀକ୍ଷାଗାର ସବୁ ପ୍ରତିଷ୍ଠା କରାଯାଇଛି। ଅନେକ ଜାଗାରେ ବଢୁଥିବା ତାପମାତ୍ରାକୁ ମପାଯାଉଛି। ହାରାହାରି ତାପମାତ୍ରା ବଢୁଛି। ଏକଥାରେ ସମସ୍ତେ ଏକମତ। ହାରାହାରି ଦେଖାଯାଇଛି ଯେ ପୃଥିବୀର ତାପମାତ୍ରା ୧ ଡିଗ୍ରୀ ବଢ଼ିଛି।

ପ୍ରଣତି:ଏହା କ'ଣ ସତର୍କ ଘଣ୍ଟି ନୁହେଁ?

ରମେଶ: ନିଶ୍ଚିତ ଭାବରେ। ସବୁଠାରୁ ବଡ଼ ସମସ୍ୟା ତ ଦେଖାଗଲାଣି। ତା ହେଉଛି ଦ୍ରୁତ ଗତିରେ ହେଉଥିବା ପରିବର୍ତ୍ତନ। ଆମ ଦେଶରେ କେତେ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଛି।

ବାପା:ପିଲାମାନେ, ତମେ ତ ଜାଣିଥିବ, ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲସିଅସ ରହେ। ବାୟୁମଣ୍ଡଳର ଅଧିକ ତାପମାତ୍ରା ମାନେ ବିପଦର ଘଣ୍ଟି (ହସି ହସି)

ମା: ଗଛଲତା ଜୀବଜନ୍ତୁଙ୍କ ପାଇଁ ବି ଏହା କ୍ଷତିକାରକ।

ବାପା:ଧାନ ଆଉ ମକା ଫସଲ ବଢ଼ନ୍ତା ତାପମାତ୍ରାକୁ ସହିବାର କ୍ଷମତା ରଖିଛନ୍ତି । କିନ୍ତୁ ଗହମ ଫସଲ ଏଥିରେ ପ୍ରଭାବିତ ହୋଇଥାଏ। କାରଣ ଏହା ଥଣ୍ଡା ଅଞ୍ଚଳରେ ହୁଏ। ଗରମ ବାୟୁର ପ୍ରକୋପ ବଢ଼ିଗଲେ ଫସଲ ଉପରେ କୁପ୍ରଭାବ ଯୋଗୁ ଉତ୍ପାଦନ କମେ।

ରମେଶ: ବିଶ୍ୱ ଉଷ୍ଣାୟନର କେବଳ ଏତିକି ପ୍ରଭାବ ନାହିଁ। ଆହୁରି ବି ପ୍ରଭାବ ପଡ଼େ। ଗରମ ଆଉ ଥଣ୍ଡାର ପ୍ରଭାବ ସ୍ପଷ୍ଟ ଦେଖିବାକୁ ମିଳିଲାଣି। ବନ୍ୟା, ମରୁଡ଼ି, ବାତ୍ୟା ଭଳି ପ୍ରାକୃତିକ ବିପତ୍ତିର ପ୍ରକୋପ ବଢୁଛି। ବର୍ଷା ବି ଅନିୟମିତ ହୋଇଯାଉଛି।

ବାପା:କୀଟବିଜ୍ଞାନୀଙ୍କ ମତରେ ବର୍ଷାର ଅନିୟମିତତା ଏବଂ ବଢ଼ନ୍ତା ତାପମାତ୍ରା ଯୋଗୁ କ୍ଷତିକାରକ କୀଟଙ୍କ ପ୍ରକୋପ ବଢ଼ିବ। ଅଧିକ ଭୋକ ଲାଗିବା ଯୋଗୁ ଏମାନେ ଫସଲର ଅଧିକ କ୍ଷତି କରିବେ। ଅନୁମାନ କରାଯାଏ ଯେ ତାପମାତ୍ରା ୧ ଡିଗ୍ରୀ ସେଲସିଅସ ବଢ଼ିଲେ କ୍ଷତିର ପରିମାଣ ଶତକଡ଼ା ୧୦ରୁ ୨୫ ଭାଗ ବଢ଼ିପାରେ। ଫଳ ଆଉ ପନିପରିବା ଫସଲ ତାପମାତ୍ରା ବଢ଼ିବା ଯୋଗୁ କୀଟଙ୍କ ଦ୍ୱାରା ଅଧିକ ଭାବରେ ପ୍ରଭାବିତ ହେବେ।

ପ୍ରତୀକ: ତା ମାନେ ଖାଦ୍ୟ ପଦାର୍ଥର ପରିମାଣ କମିବ।

ବାପା:ଆମେ ଆଶା କରୁଛୁ ଯେ ଏମିତି ହେବନାହିଁ। ଆମକୁ ବହୁତ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବାକୁ ହେବ । ଯଦି ଏମିତି ନ କରିବା ତ

ବିପଦ ଆମ ଦୁଆରେ ଠିଆ ହେବ।

ରମେଶ: ବିଶ୍ୱର ଅଧିକାଂଶ ନେତା ବିଶ୍ୱ ଉଷ୍ମାୟନକୁ ସ୍ୱୀକାର କରୁଛନ୍ତି। ମଣିଷର କ୍ରିୟାକଳାପ ଏଥିପାଇଁ ଦାୟୀ। ୨୦୧୫ ମସିହାରେ ପ୍ୟାରିସଠାରେ ହୋଇଥିବା ଚୁକ୍ତିନାମାରେ ସବୁଜକୋଠରୀ ବାଷ୍ପର ପରିମାଣ କମ୍ କରିବା ପାଇଁ ରାଜିନାମା ହୋଇଥିଲା। କିନ୍ତୁ ୨୦୧୭ ମସିହାରେ ଆମେରିକା ନିଜକୁ ଏଥିରୁ ଅଲଗା କରି ନେଲା।

ମା: କ'ଣ ଏହାର ପ୍ରଭାବ ପଡ଼ିବ?

ରମେଶ: ନିଶ୍ଚୟ ଏହାର ପ୍ରଭାବ ପଡ଼ିବ। କାରଣ ଚୀନ ପରେ ଆମେରିକା ପ୍ରଦୂଷକ ଛାଡ଼ିବାରେ ଦ୍ୱିତୀୟ ଦେଶ। ୨୦୧୫ର ତଥ୍ୟ ଅନୁସାରେ ଆମେରିକାର ପ୍ରତି ନାଗରିକ ଭାରତର ନାଗରିକଙ୍କ ତୁଳନାରେ ଚାରିଗୁଣ ପ୍ରଦୂଷକ ଛାଡ଼ିଥାନ୍ତି। ପ୍ୟାରିସ ସମ୍ମିଳନୀରେ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମ୍ କରିବା ଦିଗରେ ସହମତି ଆସିଥିଲା ଫଳରେ ଭବିଷ୍ୟତରେ ପୃଥିବୀର ତାପମାତ୍ରା ୨ ଡିଗ୍ରୀ ସେଲସିଅସରୁ ଅଧିକ ବଢ଼ିବନାହିଁ। ଯଦି ଆମେରିକା ଏହାକୁ ଗ୍ରହଣ ନ କରେ ତାହାଲେ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଆହୁରି ଅଧିକ ପରିଶ୍ରମ କରିବାକୁ ପଡ଼ିବ।

ବାପା:କୌଣସି ଦେଶ କ'ଣ ଏଭଳି ନିଷ୍ପତ୍ତି ନେବା କଥା।

ରମେଶ: ସବୁ ଦେଶ ଗୋଟିଏ ସ୍ୱଷ୍ଟ ଦୃଷ୍ଟିକୋଣ ଦେଖାଇଥିଲେ , କେମିତି ସବୁଜକୋଠରୀ ବାଷ୍ପ କମେଇବେ।

ପ୍ରଣତି:ଯଦି ଏହା ଏତେ ଗୁରୁତ୍ୱପୂର୍ଣ୍ଣ ତେବେ ସବୁ ଦେଶ ମିଶିକି କିଛି କରିବା

ଦରକାର।

ପ୍ରତୀକ:  ହଁ ଆମକୁ ଅଙ୍ଗାରକାମ୍ଳ ବାଷ୍ପ ଏବଂ ଅନ୍ୟ ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମେଇବାକୁ ହେବ।

ମା: ଲୋକମାନଙ୍କୁ କିଛି କରିବା ଦରକାର। ଯଦି କିଛି ନ କଲେ ତ ବିନାଶ ଆମ ସାମନାରେ।

ରମେଶ: ସରକାର ନିୟମ କରିପାରନ୍ତି, ନୀତି ଲାଗୁ କରିପାରନ୍ତି। କିନ୍ତୁ ବିଶ୍ୱର ଲୋକମାନେ ହିଁ ସକାରାତ୍ମକ ଭୂମିକା ନେଇ ପାରିବେ ।

ବାପା:ସେଥିପାଇଁ ଆମ ସରକାର ସବୁଜ ଶକ୍ତି ଉପରେ ଜୋର ଦେଉଛନ୍ତି । ସୌରଶକ୍ତି ଓ ପବନଶକ୍ତିର ବ୍ୟବହାର ବଢୁଛି। ଫଳରେ ବିଦ୍ୟୁତ ଉତ୍ପାଦନରେ କୋଇଲାର ବ୍ୟବହାର କମିବ।

ପ୍ରତୀକ:  ମୁଁ ଶୁଣିଛି ଯେ ବିଦ୍ୟୁତଶକ୍ତିରେ ଚାଳିତ କାର୍ ବହୁତ ଶୀଘ୍ର ବଜାରକୁ ଆସିବ।

ବାପା:ହଁ ଏହାକୁ ଇ-କାର୍ କୁହାଯାଉଛି । ଏହାଛଡ଼ା ସୁରାସାର ମିଶା ପେଟ୍ରୋଲ ବି ବଜାରରେ ମିଳିବ। ଏଥିରେ ପେଟ୍ରୋଲ ବ୍ୟବହାର କମିବ ଏବଂ ଅଙ୍ଗାର ଉତ୍ସର୍ଜନ କମିବ।

ପ୍ରଣତି:ବାପା, ତମେ ଜୈବ-ଡିଜେଲର କଥା କହୁଛ କି?

ମା: ହଁ। ଏଭଳି ଇନ୍ଧନରେ ଅଙ୍ଗାର ପୁନଃଚକ୍ରଣ ହୋଇଥାଏ। ମାଟିତଳୁ କାଢ଼ି ଜୀବାଶ୍ମ ଇନ୍ଧନ ବ୍ୟବହାର କରିବା ଯୋଗୁ  ଅତିରିକ୍ତ ଅଙ୍ଗାର ଉତ୍ସର୍ଜନ ହୋଇଥାଏ। ତା ମାନେ ପରିବେଶ ନଷ୍ଟ।

ବାପା:ସବୁ ଦେଶ ଶୂନ ଅଙ୍ଗାର ଉତ୍ସର୍ଜନ ଦିଗରେ କାମ କରିବା ଦରକାର । ଏହାପରେ ଧୀରେ ଧୀରେ ଅଙ୍ଗାରର ମାତ୍ରା କମେଇବା ଜରୁରୀ ।

ପ୍ରଣତି:ଅଙ୍ଗାରକାମ୍ଳର ମାତ୍ରା ଆମେ କେମତି କମେଇପାରିବା । ଏଥିପାଇଁ କ'ଣ ଗଛ ସାହାଯ୍ୟ କରିପାରିବ?

ରମେଶ: ହଁ ତମେ ଠିକ କହିଛ। ଗଛ ଅଙ୍ଗାର କମ୍ କରିବାରେ ବହୁତ ସହାୟକ ହୋଇଥାଏ। କିନ୍ତୁ ବିଶେଷଜ୍ଞଙ୍କ ମତରେ ପୃଥିବୀରେ ଏତେ ଜାଗା ବି ନାହିଁ ଯେଉଁଠି ବହୁତ ଗଛ ଲଗାଇ ଅଙ୍ଗାରର ମାତ୍ରା କମେଇ ହେବ।

ପ୍ରଣତି:ଖୁସିର କଥା ଯେ ଆମ ସରକାର ଏ ଦିଗରେ ପ୍ରଚେଷ୍ଟା ଆରମ୍ଭ କଲେଣି।

ବାପା:ସରକାର ନୂଆ ଜଙ୍ଗଲ ସୃଷ୍ଟି କରିବା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବର୍ଷାଋତୁରେ ଗଛ ଲଗାଇବା କାମ ଚାଲେ। କ୍ଷେତରୁ ବାହାରୁଥିବା ଘାସ ଆଦିକୁ ନ ଜଳେଇବା ପାଇଁ ଶିଖାଯାଉଛି। ସହରରେ ଲୋକମାନଙ୍କୁ ଅଳିଆର ପୁନଃଚକ୍ରଣ ବିଷୟରେ ରେଡିଓ ଓ ଦୂରଦର୍ଶନ ମାଧ୍ୟମରେ ସଚେତନ କରାଯାଉଛି।

ପ୍ରଣତି:ସବୁଜକୋଠରୀ ବାଷ୍ପ କମେଇବା ପାଇଁ ଜଣେ ସାଧାରଣ ଲୋକ କି ପ୍ରକାର ଭୂମିକା ନେଇପାରିବ?

ରମେଶ: ବଢ଼ିଆ ପ୍ରଶ୍ନ। ଆମେ ଅନେକ ପ୍ରକାରର ଭୂମିକା ନେଇପାରିବା। ଶକ୍ତି ସଂରକ୍ଷଣ କରିବା ଶିଖିବା। ଜିନିଷକୁ ବାରମ୍ବାର ବ୍ୟବହାର କରିବା,

ତାକୁ ଫୋପାଡ଼ିବା ନାହିଁ। ସ୍ଥାନୀୟ ପଦାର୍ଥ ଆଉ ଖାଦ୍ୟ ବ୍ୟବହାର କରିବା । ଶାକାହାରୀ ହେବା...

ପ୍ରଣତି:ଏମିତି କ'ଣ ଖାଦ୍ୟ ସୁରକ୍ଷା ନିଶ୍ଚିତ ହେବ?

ରମେଶ: ତଥ୍ୟ ଅନୁସାରେ ଏବେ ଖାଦ୍ୟପଦାର୍ଥ ଯଥେଷ୍ଟ ଉପଲବ୍ଧ ଅଛି । କେବଳ ଆବଶ୍ୟକତା ଏହାର ସଠିକ ବିତରଣ। ଜନସଂଖ୍ୟା ଦ୍ରୁତ ଗତିରେ ବଢୁଥିବାରୁ ଭବିଷ୍ୟତର ସଂକଟ ଏବେଠାରୁ ଦେଖାଯାଉଛି। ଜମି ଆଉ ଜଳର ଉପଲବ୍ଧତା କମୁଛି। ପାଣିପାଗ ବଦଳୁଛି। ଭବିଷ୍ୟତ କେମିତି ହେବ ଏବେଠୁ କହିବା କଷ୍ଟକର।

ବାପା:ହଁ ରମେଶ, ତମେ ଠିକ କହିଛ। ପ୍ରଥମେ ତ କିଛି ଲୋକ ମାନୁ ନ ଥିଲେ ଯେ ଜଳବାୟୁ ବଦଳୁଛି। ସେମାନଙ୍କ ମତରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ବଢ଼ିଲେ ଗଛଲତା ଅଧିକ ବୃଦ୍ଧି ପାଇବ। କିନ୍ତୁ ବାସ୍ତବରେ ବୈଜ୍ଞାନିକମାନେ ଦେଖିଛନ୍ତି ଯେ ଅଧିକ ଅଙ୍ଗାରକାମ୍ଳ ଭିତରେ ଧାନଚାଷ କଲେ ତା 'ର ପୌଷ୍ଟିକତା କମିଯାଉଛି। ସେଥିରେ ପୁଷ୍ଟିସାର, ଜୀବସାର ଏବଂ ଖଣିଜଲବଣ କମ୍ ରହୁଛି।

ମା: ତା ମାନେ ଫସଲ କମ୍ ଉତ୍ପାଦନ ତା ପୁଣି ନିମ୍ନମାନର।

ପ୍ରଣତି:କିନ୍ତୁ ଏଥିରୁ କେମିତି ରକ୍ଷା ପାଇ ହେବ?

ବାପା:ବିଶ୍ୱସାରା ବୈଜ୍ଞାନିକ ଲାଗିଛନ୍ତି ନୂଆ କିସମର ଫସଲ ପ୍ରସ୍ତୁତ କରିବା ପାଇଁ ଯାହା କି ଜଳବାୟୁ ପରିବର୍ତ୍ତନ ଅନୁରୂପ ନିଜକୁ ବଦଳାଇପାରିବ। ଏଥିରେ କୀଟ ଆଉ ରୋଗ ପ୍ରତିରୋଧକ ଶକ୍ତି ଥିବ।

ରମେଶ: କେବଳ ଶସ୍ୟ ଉତ୍ପାଦନ କରିବା ଯଥେଷ୍ଟ ନୁହେଁ , ସଂରକ୍ଷଣ କରିବା ବି ସେତିକି ଜରୁରୀ। ନୂଆ କାରିଗରୀ ମାଧ୍ୟମରେ ଶସ୍ୟର ମାତ୍ରା ଆଉ ଗୁଣ ଧରି ରଖିହେବ।

ମା: ଆମେ ଘରେ ବିଦ୍ୟୁତଶକ୍ତି, ଖାଦ୍ୟ ପ୍ରସ୍ତୁତ କରୁଥିବା ଗ୍ୟାସ ଏବଂ ପାଣି ସଞ୍ଚିବା ଦରକାର। କେବଳ ଦରକାର ଟିକିଏ ସାବଧାନ ହେବା। ଅଯଥାରେ ଗ୍ୟାସ ବ୍ୟବହାର କରନାହିଁ। ଦରକାର ନ ଥିଲେ ଆଲୁଅ ଓ ପଙ୍ଖା ଚଳାଅନାହିଁ। ଏଥିରେ ପଇସା ବଞ୍ଚିବ ତା ସହିତ ଶକ୍ତି ସଂରକ୍ଷଣ ବି ହେବ।

ରମେଶ: ଆପଣ ଠିକ କହିଛନ୍ତି ଭାଉଜ। ଆମର ଗୋଟିଏ ଉଦ୍ଦେଶ୍ୟ ହେବା ଦରକାର ଯେ ସାଧନର ବ୍ୟବହାର କମେଇବା ଏବଂ ବସ୍ତୁର ପୁନଃଚକ୍ରଣ କରିବା। କୃଷି ପାଇଁ ନୂଆ ନୂଆ କାରିଗରୀ କୌଶଳ ବ୍ୟବହାର କରିବା ଦରକାର।

ପ୍ରଣତି:ହଁ, ଆମେ ଆରମ୍ଭ କଲେ ହିଁ ଆମେ ଆଉ କାହାକୁ କହିପାରିବ।

ବାପା:ଆରେ ବାଃ ! ତୁ ତ ବହୁତ ବଡ଼ପିଲା ହୋଇଗଲୁଣି!! (ସମସ୍ତେ ହସୁଛନ୍ତି)